# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 01 October - 2023

### News Editor : TAPAN KUMAR MAHARANA

*********************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶରେ ପାଳିତ ହେଲା 'ସ୍ୱଚ୍ଛତା ହିଁ ସେବା' ଅଭିଯାନ
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ
- ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ; ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲାଗିରହିଛି ବର୍ଷା; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ନେଇ ୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

## ପ୍ରଧାନମନ୍ତ୍ରୀ ଶ୍ରମଦାନ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାରା ଦେଶରେ ହୋଇଥିବା 'ସ୍ୱଚ୍ଛତା ହିଁ ସେବା' ମହା ଅଭିଯାନର ନେତୃତ୍ୱ ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏକ ତାରିଖ, ଏକ ଘଣ୍ଟା, ଏକ୍‌ସାଥକୁ ସମର୍ଥନ ଜଣାଇ ଦେଶର ବିଭିନ୍ନ ସ୍ଥାନରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆୟୋଜିତ ହୋଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସ୍, ଡକ୍ଟର ଜି.ସି.ନାରଙ୍ଗ ମାର୍ଗ, ଶ୍ରେୟା ମିଶ୍ର ମାର୍ଗରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରାଧାପକ, କର୍ମଚାରୀ, ସଫେଇ କର୍ମଚାରୀ ଓ ସାଧାରଣ ନାଗରିକଙ୍କ ସହ ସ୍ୱଚ୍ଛତା ପାଇଁ ୧ ଘଣ୍ଟା ସାମୁହିକ ଶ୍ରମଦାନ କରିଛନ୍ତି। ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି, ଆସନ୍ତାକାଲି ଦେଶକୁ ସ୍ୱାଧୀନତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ହେବ। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନାଗରିକଙ୍କୁ ନିଜ ନିଜ ଅଞ୍ଚଳରେ ସ୍ୱଚ୍ଛତା ରକ୍ଷା ପାଇଁ ଏକ ଘଣ୍ଟା ଶ୍ରମଦାନ କରିବା ଲାଗି ଆହ୍ୱାନ ଦେଇଥିଲେ। ଏହା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତକୁ ଜନ ଆନ୍ଦୋଳନ ରୂପ ଦେବାର ଅନନ୍ୟ ପ୍ରୟାସ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ଏହି ଅବସରରେ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କଟକର ଆକାଶବାଣୀ

କେନ୍ଦ୍ରଠାରେ ହୋଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମରେ କେନ୍ଦ୍ର ମୁଖ୍ୟ ପ୍ରକାଶ କୁମାର ପତିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ସଫେଇ କାର୍ଯ୍ୟ କରିଛନ୍ତି ।

**କଟକ**ର ମୁଣ୍ଡଳୀଠାରେ ସିଆଇଏସ୍ଏଫ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିବାବେଳେ ମୁଣ୍ଡଳୀଠାରେ ଥିବା ତୃତୀୟ ଏନ୍‌ଡିଆରଏଫ୍ ପକ୍ଷରୁ ନନ୍ଦନକାନନ ଏବଂ ମାର୍ଥାପୁର ରେଳଷ୍ଟେସନଠାରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ମହାନଦୀର ଗଡ଼ଗଡ଼ିଆ ଘାଟ ନିକଟରେ ମଧ୍ୟ ସଫେଇ କାର୍ଯ୍ୟ କରାଯାଇଛି ।

**ବାଲେଶ୍ୱର** ଜିଲ୍ଲାର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ହୋଇଥିବାବେଳେ ଜିଲ୍ଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ,ବ୍ୟାସକବୀ ଫକୀରମୋହନଙ୍କ ଜନ୍ମସ୍ଥାନ ଶାନ୍ତିକାନନ, ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ତଥା ଶୋଭାରାମପୁର ରେଲ୍‌ୱେ କଲୋନୀରେ ମଧ୍ୟ ସଫେଇ କାର୍ଯ୍ୟ କରାଯାଇଛି । ଏହି ଅବସରରେ ବିଧାୟକ ସ୍ୱରୂପ କୁମାର ଦାସ ସ୍ୱଚ୍ଛତା ପାଇଁ ଶପଥପାଠ କରାଇଛନ୍ତି ।

**ରାୟଗଡ଼ା** ଜିଲ୍ଲା ମୁନିଗୁଡ଼ା ରେଳଷ୍ଟେସନ୍ ପରିସରରେ ସିଆରପିଏଫ ଅଷ୍ଟମ ବାଟାଲିୟାନ୍ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଛି । ଏହି ଅଭିଯାନରେ ସ୍ଥାନୀୟ ଲୋକ ପ୍ରତିନିଧି, ପୁଲିସ୍ କର୍ମଚାରୀ ଏବଂ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ ।

**ସୁବର୍ଣ୍ଣପୁର** ଜିଲ୍ଲା ସଦର ମହକୁମା ସମେତ ବିନିକା, ତରଭା ଆଦି ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସାମାଜିକ ତଥା ଶିକ୍ଷାନୁଷ୍ଠାନ ପକ୍ଷରୁ

ସ୍ୱଚ୍ଛତା ଅଭିଯାନ କରାଯାଇଛି। ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛତା ସମ୍ପର୍କରେ ଜନଜାଗରଣ କରିବା ସହ ଶ୍ରମଦାନ କରିଛନ୍ତି।

**ଦେବଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ପୌରାଞ୍ଚଳ ସହ ୩ଟି ଯାକ ବ୍ଲକ୍‌ରେ ସ୍କୁଲ କଲେଜର ଛାତ୍ରଛାତ୍ରୀ, ବିଭିନ୍ନ ଓ୍ୱାର୍ଡର କାଉନ୍‌ସେଲର, ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମିଳିତ ଭାବେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ନବରଙ୍ଗପୁର** ବସ୍‌ଷ୍ଟାଣ୍ଡରେ ସିଆରପିଏଫ୍ ୧୨ ବାଟାଲିୟନ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ହୋଇଥିବାବେଳେ ଜିଲ୍ଲା ପରିଷଦ,ଜିଲ୍ଲା ଜଳ ଓ ପରିମଳ ମିଶନ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ନବରଙ୍ଗପୁର ଶାଖା ପକ୍ଷରୁ ମଧ୍ୟ ସ୍ୱଚ୍ଛତା ଅଭିଯାନ କରାଯାଇଛି।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଦୂରଦର୍ଶନ କେନ୍ଦ୍ର ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟାଳୟ ମୁଖ୍ୟ ଅଶୋକ କୁମାର ରାଉତ ଏହାର ନେତୃତ୍ୱ ନେଇଥିଲେ। ସେହିପରି ଭବାନୀପାଟଣା ବ୍ଲକ୍ ବେହେରାଗୁଡ଼ା ସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରେ ସିଆରପିଏଫ୍ ୬୪ ବାଟାଲିୟନ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି।

ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଶ୍ରମଦାନ ଅଭିଯାନରେ ନାଗରିକମାନେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ମନ୍ କୀ ବାତ୍

କାର୍ଯ୍ୟକ୍ରମରେ ଅନୁରୋଧ କରିଥିଲେ। ସହରାଞ୍ଚଳ ସ୍ୱଚ୍ଛ ଭାରତ ଅଭିଯାନରେ ଆଜି ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ପାଇଁ ଶ୍ରମଦାନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସୂଚନା ଅନୁସାରେ, ଶ୍ରମଦାନ ଲାଗି ଦେଶର ୬ ଲକ୍ଷ ୪୦ ହଜାର ସ୍ଥାନ ନିରୂପଣ କରାଯାଇଥିଲା।

## ବରିଷ୍ଠ ନାଗରିକ ଦିବସ

ଆଜି ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ। ବୟସ୍କ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ବିଷୟ ପ୍ରତି ସଚେତନତା ସୃଷ୍ଟି କରିବା ଲାଗି ୧୯୯୦ ମସିହା ଡିସେମ୍ବର ୧୪ ତାରିଖରେ ଏହି ଦିବସ ପାଳନ କରିବା ପାଇଁ ଜାତିସଂଘ ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସମାଜ ଗଠନରେ ବୟସ୍କ ନାଗରିକମାନଙ୍କର ଅବଦାନକୁ ମନେ ପକାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ଏ ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପରିବର୍ତ୍ତିତ ବିଶ୍ୱରେ ବୟସ୍କ ବ୍ୟକ୍ତିଙ୍କ ତିଷ୍ଠିବାର ସାମର୍ଥ୍ୟ।

ଏହି ଅବସରରେ **ରାୟଗଡ଼ା** ଜିଲ୍ଲା ବରିଷ୍ଠ ନାଗରିକ ୱେଲ୍‌ଫେୟାର ଆସୋସିଏସନ୍ ପକ୍ଷରୁ ଗାୟତ୍ରୀ ନଗରସ୍ଥିତ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏଥିରେ ଆଦିବାସୀ କଲ୍ୟାଣ ତଥା ଆଇନ୍‌ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଏବଂ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ସମ୍ମାନିତ ଅତିଥି ଭାବେ

ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦିବସ ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଆଜି ଜାତୀୟ ସେଚ୍ଛାକୃତ ରକ୍ତଦାନ ଦିବସ । ଲୋକମାନେ ନିଜ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ କରି ଅନ୍ୟମାନଙ୍କର ଚିକିତ୍ସା ତଥା ଜୀବନରକ୍ଷା ଲାଗି ଯେଉଁ ବହୁମୂଲ୍ୟ ଅବଦାନ ଦେଉଛନ୍ତି ସେ ସମ୍ପର୍କରେ ସଚେତନ କରାଇବା ଆଜିର ଦିବସ ପାଳନର ମୂଳଲକ୍ଷ୍ୟ । ଏହି ବର୍ଷର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସର ବାର୍ତ୍ତା ହେଉଛି 'ରକ୍ତଦାନ କର, ପ୍ଲାଜା ଦିଅ, ଜୀବନ ବଞ୍ଚାଓ' । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ରକ୍ତଦାନ ସର୍ବଶ୍ରେଷ୍ଠ ଦାନ । ରାଜ୍ୟରେ ରକ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହିତ ଜନସାଧାରଣ ସଚେତନ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟରେ ପ୍ରତିବର୍ଷ ହାରାହାରି ୫ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ଥିବାରୁ ରାଜ୍ୟବାସୀ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆହ୍ୱାନ ଦେଇଛନ୍ତି ।

# ନନ୍ଦନକାନନ ସମୟ ପରିବର୍ତ୍ତନ

ଭୁବନେଶ୍ୱର ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପର୍ଯ୍ୟଟନ ସମୟ ଆଜିଠାରୁ ବଦଳାଇଯାଇଛି । ସକାଳ ୮ଟା ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଖୋଲା ରହିବ। ସେହିପରି ନନ୍ଦନକାନନ ପରିସରରେ ଥିବା ଉଦ୍ଭିଦ ଉଦ୍ୟାନ ମଧ୍ୟ ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି ନିୟମ ଆସନ୍ତାବର୍ଷ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ–ହକି ଟିମ୍

ଭାରତୀୟ ପୁରୁଷ ହକି ଟିମ୍ ଏସୀୟ କ୍ରୀଡାରେ ପାକିସ୍ତାନ ବିପକ୍ଷରେ ବିଜୟ ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ଟିମ୍ ଏଭଳି ବିଜୟ ଅଭିଯାନ ଜାରି ରଖିବା ସହ ଦେଶକୁ ଗର୍ବିତ କରୁଥାଉ ବୋଲି ସାମାଜିକ ଗଣମାଧ୍ୟମରେ ଦେଇଥିବା ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଏସିଆନ୍ ଗେମ୍ସ

ଚୀନ୍‌ର ହାଙ୍ଗଝୌରେ ଚାଲିଥିବା ଏସିଆନ୍ ଗେମ୍ସର ଅଷ୍ଟମ ଦିନରେ ଭାରତ ଏଯାବତ୍ ଆଉ ଏକ ସ୍ୱର୍ଣ୍ଣପଦକ ହାସଲ କରିଛି। ପୁରୁଷ ସୁଟିଂର ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। କିନାନ୍ ଡାରିୟସ୍, ଜୋରାବର ସିଂ ସନ୍ଧୁ ଏବଂ ପୃଥ୍ୱୀରାଜ ତୋନ୍ଦେମାନ ଏହି ସଫଳତା ହାସଲ କରିଛନ୍ତି। ଏଥିସହିତ ମହିଳା ସୁଟିଂର ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଛି। ମନୀଷା କିର୍, ପ୍ରୀତି ରଜାକ୍ ଏବଂ ରାଜେଶ୍ୱରୀ କୁମାର ଭାରତ ପାଇଁ ଏହି ସଫଳତା ଆଣିଛନ୍ତି।

ଗଲ୍ଫରେ ମଧ ମହିଳା ଗଲ୍ଫରେ ମଧ ଭାରତ ଏକ ରୌପ୍ୟ ପଦକ ବିଜୟୀ ହୋଇଛି। ଅଦୀତି ଅଶୋକ ଏହି ପଦକ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ମହିଳା ଭାରତୀୟ ଗଲ୍ଫ ଖେଳାଳି ଭାବେ ଅଦୀତି ଏସୀୟ କ୍ରୀଡାରେ ପଦକ ହାସଲ କରିଛନ୍ତି।

ଏଥିସହିତ ଭାରତର ମୋଟ ପଦକ ସଂଖ୍ୟା ୪୧କୁ ବୃଦ୍ଧି ହୋଇଛି। ଭାରତ ଏଯାବତ୍ ୧୧ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଏବଂ ୧୪ଟି ବ୍ରୋଞ୍ଜ ପଦକ ସହ ତାଲିକାର ଚତୁର୍ଥ ସ୍ଥାନରେ ରହିଛି।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗିରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୮ଟି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ୭ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି।

ଅନ୍ୟପକ୍ଷରେ ଦେଶରୁ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଜାରି ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲି ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡର କେତେକ ଭାଗ ସହିତ ପଞ୍ଜାବ, ହରିୟାନା, ଚଣ୍ଡିଗଡ, ଦିଲ୍ଲୀରୁ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାବର୍ତ୍ତନ କରିଛି ।

*********************************